**ଜୟଗୁରୁ**

**ନୀଳାଚଳ ସାରସ୍ୱତ ସଂଘ,ପୁରୀ**

**ଶାଖା-ଆମେରିକା ସାରସ୍ୱତ ସଂଘ**

**୭୮୪ ତମ ଅଧିବେଶନର ବିବରଣୀ**

☏ : 1+919-670-0772

: www.jayaguru.org

www.uberconference.com/amsas

**ତାରିଖ: ୧୦-୧୦ -୨୧ ସମୟ (୭:୧୫-୧୧:୫୫) ପାଳିଆ: ସାର୍ଥକ ଓ ମିଲୁ ମା**

ଉପସ୍ଥିତ ଭାଇ ଓ ମା' ମାନଙ୍କ ନାମ AMSAS website link ରେ ପାଇବେ|

**ଅଧିବାସ ପୂଜା :** ତା ୦୯-୧୦-୨୦୨୧ ଶନିବାର ସନ୍ଧ୍ୟା ୬:୩୦ ରେ ପୂର୍ବ ନିର୍ଧାରିତ କାର୍ଯ୍ୟ ସୂଚୀ ଅନୁସାରେ ନର୍ଥ କାରୋଲିନା ପାଠଚକ୍ର ପୂଜା ଓ ସାପ୍ତାହିକ ଅଧିବାସ ପୂଜା ଏକ ସମୟ ରେ ଅନୁଷ୍ଠିତ ହୋଇଥିଲା। ପୁସ୍ତକ ପାଠ ଏବଂ ଆଲୋଚନା ପରେ ପ୍ରଣବେଶ ଭାଇ ଏବଂ ବିଶ୍ୱଜିତ ଭାଇ ଭାବ ବିନିମୟ କରିଥିଲେ। ଆସନ୍ତା ପାଠଚକ୍ର ପୂଜା ନିମନ୍ତ୍ରଣ ପରେ ମିଲୁ ମା ସକାଳ ସଂଘ ପୂଜା ପାଇଁ ଶ୍ରୀ ଶ୍ରୀ ଠାକୁର ଓ ଭକ୍ତ ମାନଙ୍କୁ ନିମନ୍ତ୍ରଣ କରିଥିଲେ ।ଜ୍ଞାନ ଭାଇ ବିଦାୟ ପ୍ରାର୍ଥନା କଲା ପରେ ଜୟଗୁରୁ ନାମ କୀର୍ତ୍ତନ କରାଯାଇ ଆସନ ବନ୍ଦ କରାଯାଇଥିଲା ।

**ପ୍ରଥମ ଅଧିବେଶନ : ସମୟ (୭ : ୧୫-୮:୪୫ ET)**

ସକାଳ ୭;୧୫ ସମୟରେ ଉଦିତା ମା ଓ ନିହାର ଭାଇ ଯଥାକ୍ରମେ ପ୍ରତୀକ୍ଷା ସଂଗୀତ 'କାହାର ଆଦର ବୋଲା' ଓ 'ଚରଣ ତଳେ ଘେନ ପ୍ରଣତୀ' ପ୍ରତୀକ୍ଷା ସଂଗୀତ ଗାନ କରିଥିଲେ। ଏହି ସମୟ ରେ ଅନ୍ୟ ସବୁ ଭାଇ ,ମା' ମାନେ telephone ମାଧ୍ୟମ ରେ ଓ ଆସନ ମନ୍ଦିର ରେ ଉପସ୍ଥିତ ଭାଇ ଓ ମା' ମାନେ ନାଟ ମନ୍ଦିର ରେ ଯୋଗ ଦେଇଥିଲେ । ୭:୩୦ ସମୟରେ ଆସନ ମନ୍ଦିର ପରଦା ଉନ୍ମୋଚନ ହୋଇଥିଲା ।ଜ୍ଞାନ ଭାଇ ଙ୍କ ନେତୃତ୍ୱ ରେ ଭକ୍ତ ମାନଙ୍କର ମିଳିତ ଆରତୀ ଗାନ ସହ ସାନୁଜିତ ଭାଇ ଶ୍ରୀ ଶ୍ରୀ ଠାକୁରଙ୍କର ଆରତୀ କରିଥିଲେ। ଆରତୀ ପରେ ବିଶ୍ୱଜିତ ଭାଇ ଙ୍କ ନେତୃତ୍ୱ ରେ ବନ୍ଦଇ ଗୁରୁ ଚରଣ ଓ ସ୍ତୋତ୍ର ବନ୍ଦନା ଗାନ କରାଯାଇଥିଲା ।ଏହାପରେ ବ୍ରଜ ଭାଇ ପରିଚୟ ପତ୍ର , ସମ୍ମିଳନୀ ପ୍ରାର୍ଥନା, ଆସନ ମନ୍ଦିର ରେ ନିତ୍ୟ ସେବା ପୂଜାର ସୁବନ୍ଦୋବସ୍ତ ପାଇଁ ଓ corona ମହାମାରୀ କବଳରୁ ବିଶ୍ୱ ବାସୀ ଙ୍କ ରକ୍ଷା ପାଇଁ ପ୍ରାର୍ଥନା କରିଥିଲେ। ସାନୁଜିତ ଭାଇ ସଂଘ ସେବକ ଏକତ୍ରିଂଶ ଭାଗ ଚତୁର୍ଥ ସଂଖ୍ୟା ରୁ ବନ୍ଦନା, ପ୍ରାର୍ଥନା, ଓ ପ୍ରାର୍ଥନାକାରିଙ୍କ ପ୍ରତି ପାଠ କରିଥିଲେ। ଅଞ୍ଜନା ମା ଶ୍ରୀ ଶ୍ରୀ ଗୁରୁଗୀତା ରୁ ଶ୍ଳୋକ ୬୦-୬୧ ପାଠ କରିଥିଲେ । ମିଲୁ ମା ବାଲ୍ୟ ଭୋଗ ଓ ପରା ପୂଜା ନିମନ୍ତ୍ରଣ କଲା ପରେ ଜୟଗୁରୁ ନାମ କୀର୍ତ୍ତନ କରାଯାଇ ଶ୍ରୀ ଶ୍ରୀ ଠାକୁର ଙ୍କ ଆସନ ବନ୍ଦ କରାଯାଇଥିଲା । ଶ୍ରୀ ଶ୍ରୀ ଠାକୁରଙ୍କୁ ବାଲ୍ୟ ଭୋଗ ନିବେଦନ ପରେ ଉପସ୍ଥିତ ଭାଇ ଓ ମାନେ ପ୍ରସାଦ ଗ୍ରହଣ କରିଥିଲେ ।

**ଦ୍ୱିତୀୟ ଅଧିବେଶନ (ସମୟ -୯:୪୫-୧୧:୫୫ ET)**

ଦେବାଶିଷ ଭାଇ ଓ ଜ୍ଞାନ ଭାଇ ଯଥାକ୍ରମେ 'ଆସ ଉଚ୍ଛୁର ନକରି ଆସ' ଓ 'ମାଗିବି ନାହିଁ ମୁ କିଛି' ଆବାହନ ସଂଗୀତ ଗାନ କରିଥିଲେ । ଏହା ପରେ ଭବ ବନ୍ଧନ ମୋଚନ ଗାନ କରାଯାଇ ଆସନ ପରଦା ଉନ୍ମୋଚନ କରାଯାଇଥିଲା । ସ୍ମିତାବାଈ ମା ବନ୍ଦନା ସଂଗୀତ 'ଆଜି ଏ ଶୁଭ ଲଗାନେ' ଗାନ କଲା ପରେ ଲିପ୍ସିତା ମା ନିଗମ ଉପଦେଶ ପୁସ୍ତକ ରୁ ପୃଷ୍ଠା ୧୦୩-୧୦୪ ପାଠ କରିଥିଲେ ।ସୁଶ୍ରୀ ମା ପୂର୍ବ ଅଧିବେଶନ ର ବିବରଣୀ ପାଠ କଲା ପରେ ରମା ଭାଇ ପ୍ରେମିକ ଗୁରୁ ପୁସ୍ତକ ରୁ The state of Jibanmukta ବିଷୟ ଟି ପାଠ କରିଥିଲେ । ରଶ୍ମୀ ମା ପ୍ରାର୍ଥନା ସଂଗୀତ 'ଶ୍ୟାମା ଚରଣ ତଳେ' ଗାନ ସମାପାନାନ୍ତେ ପୃଥ୍ୱୀରାଜ ଭାଇ

ସଂସାର ପଥେ ପୁସ୍ତକ part ୧ ପାଠ କରିଥିଲେ ।ବ୍ରଜ ଭାଇ ପ୍ରଶ୍ନୋତ୍ତର ସମୟରେ ଭାଇ ଓ ମା ମାନଙ୍କୁ ଶ୍ରୀ ଶ୍ରୀ ଠାକୁର ଙ୍କର ଆଦେଶ ଉପଦେଶ ଠିକ ଭାବରେ ପାଳନ କରି ତାଙ୍କ ସେବା ପୂଜା ର ଯୋଗ୍ୟ ଅଧିକାରୀ ହେବା ପାଇଁ ବୁଝାଇ ଥିଲେ ।

YA session ପ୍ରାରମ୍ଭ ରେ Aryaan ପ୍ରାର୍ଥନାସଂଗୀତ 'ମୋ ବିଧୁର ପ୍ରାଣେ' ଗାନ କଲା ପରେ ସ୍ୱାତୀ ମା ପିଲା ମାଙ୍କର ଉପସ୍ଥାନ ନେଇଥିଲେ ଓ ଭିନ୍ନ ଗୁଣ ସମ୍ବଧୀୟ , ପ୍ରସନୋତ୍ତର ସହ ଆଲୋଚନା କରା ଯାଇଥିଲା । ସାର୍ଥକ ଓ ମିଲୁ ମା ଭାବ ବିନିମୟ କଲାପରେ ଶ୍ରୀ ଶ୍ରୀ ଠାକୁର ଙ୍କୁ ମଧାହ୍ନ ଭୋଗ ଏବଂ ସଂନ୍ଧ୍ୟା ନିତ୍ୟ ପୂଜା ଲାଗି ନିମନ୍ତ୍ରଣ କରାଯାଇଥିଲା । ଦିବ୍ୟମ ଓ ସ୍ମିତା Ray ମା , ପ୍ରଦ୍ୟୁମ୍ନ ଭାଇ ଙ୍କ ସହ ଆସନ୍ତା ସଂଘ ପୂଜା October ୧୭ ରେ ଅନୁଷ୍ଠିତ ହେବା ପାଇଁ ନିମନ୍ତ୍ରଣ କରିଥିଲେ । ମିଲୁ ମା ତାଙ୍କ ପାଳି ରେ ହୋଇଥିବା ସେବା ତ୍ରୁଟି ପାଇଁ ସବୁ ଭକ୍ତ ଭାଇ, ମା ଓ ପିଲା ମା|ନଙ୍କ ତରଫରୁ ଠାକୁରଙ୍କ ପାଖରେ କ୍ଷମା ଭିକ୍ଷା କରିଥିଲେ । ଶିବାନୀ ମା ଙ୍କ ନେତୃତ୍ୱରେ ବିଦାୟ ପ୍ରାର୍ଥନା ଗାନ କରାଯାଇ ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ କରାଯାଇଥିଲା । ବିଶ୍ୱଜିତ ଭାଇ ସଂଘ ସେବୀ ଭକ୍ତ ଭାଇ ମା'ମାନଙ୍କର ଉପସ୍ଥାନ ନେବା ପରେ ଭକ୍ତ ମାନେ ଜୟଗୁରୁ ପ୍ରେମ ସମ୍ଭାଷଣ କରି ବିଦାୟ ନେଇଥିଲେ । ଶ୍ରୀ ଶ୍ରୀ ଠାକୁରଙ୍କୁ ମଧାହ୍ନ ଭୋଗ ନିବେଦନ ପରେ ଆସନ ମନ୍ଦିର ରେ ଉପସ୍ଥିତ ଭାଇ ଓ ମା' ମାନେ ପ୍ରସାଦ ଗ୍ରହଣ କରିଥିଲେ । ପାଳିଆ ତାଙ୍କ ଗୃହାସନ ରେ ଶ୍ରୀ ଶ୍ରୀ ଠାକୁର ଙ୍କୁ ଭୋଗ ନିବେଦନ କଲା ପରେ ପ୍ରସାଦ ଗ୍ରହଣ କରିଥିଲେ ।

ଶ୍ରୀ ଶ୍ରୀ ଠାକୁର ଚାରଣାଶ୍ରିତ
ସାର୍ଥକ ଓ ମିଲୁ ମା.

`

`